# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 September– 2026**

---

## ସହାୟତା ରାଶି

ଗୃହ ନିର୍ମାଣ ସହାୟତା, ଫସଲ କ୍ଷତି ଏବଂ ରିଲିଫ୍ ଶିବିର ଆୟୋଜନ ଖର୍ଚ୍ଚ ବାବଦରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ୪ଟି ଜିଲ୍ଲା ପାଇଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ ଝାରସୁଗୁଡ଼ା ଜିଲ୍ଲାକୁ ୧୦ କୋଟି ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି । ନବରଙ୍ଗପୁର ଜିଲ୍ଲା ପାଇଁ ସର୍ବାଧିକ ୫ କୋଟି, ଗଞ୍ଜାମ ଏବଂ ଗଜପତି ଜିଲ୍ଲାକୁ ୨ କୋଟି ଲେଖାଏଁ ଓ ଝାରସୁଗୁଡ଼ାକୁ ୧ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ୪ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି ।

---

## ପୋଲିସ୍ ଡିଜି-ସୁପ୍ରିମକୋର୍ଟ ରାୟ

ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ପଦ ପୂରଣ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲାର ଶୁଣାଣି ଗତକାଲି ଶେଷ ହୋଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଛି ।

---

## ଓଏସ୍ଏସ୍ଟିଇଟି

ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଆଜି ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା– ଓ.ଏସ୍.ଏସ୍.ଟି.ଇ.ଟି ୨୦୨୬ ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତରେ ସ୍ପଷ୍ଟୀକରଣ ଦିଆଯାଇଛି । ଏକ ଭିଡିଓ ବାର୍ତ୍ତାରେ ସଭାପତି ଶ୍ରୀକାନ୍ତ ତରାଇ, ସାମାଜିକ ଗଣମାଧ୍ୟମରେ ପ୍ରସାରିତ ବିଭ୍ରାନ୍ତିକର ତଥ୍ୟକୁ ବିଶ୍ୱାସ ନ କରିବାକୁ ପରୀକ୍ଷାର୍ଥୀଙ୍କୁ ପରମାର୍ଶ ଦେଇଛନ୍ତି। ବୋର୍ଡ ପକ୍ଷରୁ ପରୀକ୍ଷା ସ୍ଥଗିତ କିମ୍ବା ବାତିଲ ହେବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ଗୁଣ୍ଡିଚା ମନ୍ଦିର

ପୁରୀ ଗୁଣ୍ଡିଚା ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ଆଜିଠାରୁ ଖୋଲିବ । ସକାଳ ସାଢ଼େ ୭ଟା ଏଥିପାଇଁ ଶୁଭ ମୁହୂର୍ତ୍ତ ସ୍ଥିର ହୋଇଛି । ଶ୍ରଦ୍ଧାଳୁଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆଜିଠାରୁ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଗୁଣ୍ଡିଚା ମନ୍ଦିର ପ୍ରବେଶ ଦେୟମୁକ୍ତ ରଖାଯାଇଛି । ଏହାପରଠାରୁ ବରିଷ୍ଠ ନାଗରିକ ଓ ଶିଶୁଙ୍କ ଛାଡ଼ି ମନ୍ଦିର ପ୍ରବେଶ ପାଇଁ ଶ୍ରଦ୍ଧାଳୁଙ୍କୁ ୧୦ଟଙ୍କା ଲେଖାଏଁ ଦାଖଲ କରିବାକୁ ପଡ଼ିବ ।

## ତାରାତାରିଣୀ–ପୂଜା ପ୍ରସ୍ତୁତି ବୈଠକ

ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ଆସନ୍ତା ଶନିବାରଠାରୁ ଷୋଡ଼ଶ ପୂଜା ଆରମ୍ଭ ହେବ । ଏହାର ସୁପରିଚାଳନା

ପାଇଁ ମନ୍ଦିର ଟ୍ରଷ୍ଟବୋର୍ଡ ପରିଚାଳନା କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ନେଇ ବିସ୍ତୃତ ଆଲୋଚନା ହୋଇଛି ।

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ପରେ ଠାକୁରଙ୍କର ବନକଲାଗି ଅନୁଷ୍ଠିତ ହେବ । ଏହା ଏକ ଗୁପ୍ତନୀତି ହୋଇଥିବାରୁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ  ପ୍ରାୟ ୪ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଅନ୍ତର୍ଜାତୀୟ ଅନୁବାଦ ଦିବସ

ଭାବ ଆଦାନ ପ୍ରଦାନରେ ଭାଷାର ଉପଯୋଗିତା ଏବଂ ଗୋଟିଏ ଭାଷାକୁ ଅନ୍ୟ ଭାଷାରେ ଅନୁବାଦର ବ୍ୟବହାରକୁ ଉପଲବ୍ଧି କରି ଆଜି ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଉଛି ।  ପୃଥିବୀରେ ୬ ହଜାର ୫୦୦ରୁ ଅଧିକ କଥିତ ଭାଷା ଅଛି । ଯାହାର ପ୍ରତିବନ୍ଧକକୁ ଦୂର କରିବା ପାଇଁ ଅନୁବାଦକମାନେ ସାହାଯ୍ୟ କରିଥାନ୍ତି । ୧୯୫୩ ମସିହାରୁ ଅନ୍ତର୍ଜାତୀୟ ଅନୁବାଦକ ସଂଘ ଆନୁକୂଲ୍ୟରେ ଏହି ଦିବସ ପାଳିତ ହୋଇଆସୁଛି । ବିଭିନ୍ନ ରାଷ୍ଟ୍ର ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପୃଥିବୀରେ ଶାନ୍ତି,

ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପାଇଁ ଅନୁବାଦକମାନଙ୍କ ଭୂମିକାକୁ ମନେପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି ।

# ବର୍ଷା-ବନ୍ୟା

ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ ମଧ୍ୟ-ବଙ୍ଗୋପସାଗର ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୧୪ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାର ୫ଟି ବ୍ଲକ ଧାମନଗର, ଭଦ୍ରକ, ଚାନ୍ଦବାଲି, ତିହିଡ଼ି ଓ ବାସୁଦେବପୁରର ୧୬୬ଟି ବିଦ୍ୟାଳୟ ଆଜି ବନ୍ଦ ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି ।

ଜୁନ୍ ପହିଲାରୁ ଗତକାଲି ସୁଦ୍ଧା ରାଜ୍ୟରେ ୧ ହଜାର ୪୮୪ ଦଶମିକ ୩ ମିଲିମିଟର ବର୍ଷା ହୋଇଯାଇଛି । ଆଞ୍ଚଳିକ ପାଣିପାଗ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ, ଏହି ସମୟ ମଧ୍ୟରେ ସ୍ୱାଭାବିକଠାରୁ ୩୦ ପ୍ରତିଶତ ଅଧିକ ବର୍ଷା ହୋଇଛି । ବୌଦ୍ଧ ଜିଲ୍ଲାରେ ସର୍ବାଧିକ ୭୧ ପ୍ରତିଶତ ଅଧିକ ବର୍ଷା ହୋଇଥିବା ରେକର୍ଡ ହୋଇଛି । ରାଜ୍ୟରେ ଦକ୍ଷିଣ ପଶ୍ଚିମମୌସୁମୀବାୟୁ ଦୁର୍ବଳ ହୋଇଛି । ଆସନ୍ତାମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ମଧ୍ୟରେ ମୌସୁମୀବାୟୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି । ଏଥିନିମନ୍ତେ ପାଗ ଅନୁକୂଳ ରହିଥିବା ପାଣିପାଗ କେନ୍ଦ୍ର କହିଛି ।

# ବେଆଇନ ଲିଙ୍ଗ ନିରୂପଣ

ଗଞ୍ଜାମ ଜିଲ୍ଲାରେ ବେଆଇନ ଲିଙ୍ଗ ନିରୂପଣକୁ ପ୍ରତିହତ କରିବା ନେଇ ଆଇନର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଛି । ସମସ୍ତ ଅଲ୍ଟ୍ରାସାଉଣ୍ଡ୍ କେନ୍ଦ୍ରଗୁଡ଼ିକର ନିରୀକ୍ଷଣ ବଢ଼ାଇବା ସହ ପ୍ରତି ମାସ ୫ ତାରିଖ ସୁଦ୍ଧା ଫର୍ମ୍-ଏଫ୍ ଦାଖଲକୁ ବାଧ୍ୟତାମୂଳକ କରାଯାଇଛି । ଆଇନ ଉଲ୍ଲଂଘନ କ୍ଷେତ୍ରରେ ପ୍ରମାଣ ମିଳିଲେ ସୂଚନା ପ୍ରଦାନକାରୀଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ନେଇ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

---

# ସିଏମ୍ ଟ୍ରଫି

ଓଡ଼ିଶା ଟି-୨୦ ଲିଗ୍ ସିଏମ୍ ଟ୍ରଫି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଆଜି କେନ୍ଦୁଝର ମାଇନର୍ସ ଏବଂ ସମ୍ବଲପୁର ୱାରିଅର୍ସ ମଧ୍ୟରେ ଖେଳାଯିବ । ଏହି ମ୍ୟାଚ୍ କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ୭ଟାରେ ଅନୁଷ୍ଠିତ ହେବ । ଗତକାଲିର କ୍ୱାଲିଫାୟର ମ୍ୟାଚ୍‌ରେ ଭୁବନେଶ୍ୱର ଟାଇଗର୍ସଙ୍କୁ ୯ ରନ୍‌ରେ ପରାସ୍ତ କରି ସମ୍ବଲପୁର ୱାରିଅର୍ସ ଫାଇନାଲ୍‌ରେ ପ୍ରବେଶ କରିଛି ।

---